# ୨୦୨୧ ଜନଗଣନା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

ଆସନ୍ତା ୨୦୨୧ ଜନଗଣନା ନିମନ୍ତେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ୨ ଦିନିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦୨୧ ଜନଗଣନା କାର୍ଯ୍ୟ ନିର୍ବାଚନ କାର୍ଯ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଏହାକୁ ଆନ୍ତରିକତାର ସହ ପରିଚାଳନା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସଂଗ୍ରହ ହେଉଥିବା ତଥ୍ୟ ଯେପରି ତ୍ରୁଟିଶୂନ୍ୟ ହୋଇପାରିବ ସେଥିପାଇଁ ଏହି ତାଲିମ ମାଧ୍ୟମରେ ଆବଶ୍ୟକ ଜ୍ଞାନ ଆହରଣ କରିବା ସହ ସରକାରଂକ ନିୟମାବଳୀକୁ ଅନୁସରଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ତରଫରୁ ଅନୁଗୋଳ ଜିଲ୍ଲା ପାଇଁ ମାଷ୍ଟର ଟ୍ରେନର ଭାବେ ଆସିଥିବା ମିଲିତା ଦତ୍ତ ପାୱାର ପଏଣ୍ଟ ମାଧ୍ୟମରେ ଜନଗଣନାର ବିଭିନ୍ନ ଦିଗ ଓ ଏହାର ନିୟମାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ୨୦୨୧ (୧୬ତମ) ଜନଗଣନା ଏକ ଐତିହାସିକ ଜନଗଣନା ହେବ । ପ୍ରଥମ ଥର ପାଇଁ ମୋବାଇଲ ଆପର ଟେକ୍‌ନୋଲୋଜିକୁ ଏଥିରେ ବ୍ୟବହାର କରାଯାଉଛି । ଏହି ଜନଗଣନା କାର୍ଯ୍ୟ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୩୦ ଏହି ୬ ମାସ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ୪୫ ଦିନ ଲେଖାଏଁ ସମସ୍ତ ଘର ଗଣନା କରିବେ । ୨ୟ ପର୍ଯ୍ୟାୟ ଆସନ୍ତା ବର୍ଷ ଫେବୃୟାରୀ ରୁ ୩୦ ରୁ ମାର୍ଚ୍ଚ ମଧ୍ୟରେ ଜନଗଣନା କାର୍ଯ୍ୟ ଆରମ୍ଭ ହେବ । ଏହି ଜନଗଣନା କାର୍ଯ୍ୟରେ ସମ୍ପୃକ୍ତ ଉପଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ଚାର୍ଯ ଅଫିସର ଭାବେ ନିୟୋଜିତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାରମାନଙ୍କୁ ଅତିରିକ୍ତ ଚାର୍ଯ୍ୟ ଅଫିସର ଭାବେ ନିୟୋଜିତ କରାଯାଇଛି । ଜିଲ୍ଲାରେ ଜନଗଣନା କାର୍ଯ୍ୟରେ ୫୨ ଜଣ ତାଲିମଦାତା ତାଲିମ ପ୍ରଦାନ କରିବେ । ମାର୍ଚ୍ଚ ୬ ଓ ୭ ତାରିଖରେ ଜନଗଣନାକାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ସେହିପରି ତାଲିମଦାତାମାନଙ୍କୁ ଚଳିତ ବର୍ଷ ମାଷ୍ଟର

ଟ୍ରେନରଂକ ଦ୍ୱାରା ୧୬ ମାର୍ଚ୍ଚରୁ ୨୦ ମାର୍ଚ୍ଚ ମଧ୍ୟରେ ତାଲିମ ପ୍ରଦାନ କରାଯିବ । ଏହି ଜନଗଣନାରେ ୨ଟି ମୋବାଇଲ ଆପ୍ ବ୍ୟବହାର କରାଯାଉଛି । ସେଥିମଧ୍ୟରୁ ଗୋଟିଏ ହେଉଛି CMMS Portal ଅନ୍ୟଟି ହେଉଛି ଗୃହଗଣନା 2021 Portal । ଏହାଦ୍ୱାରା ଅନ୍ ଲାଇନ୍ ମାଧ୍ୟମରେ ଜନଗଣନା ଓ ଜାତୀୟ ଲୋକସଂଖ୍ୟା ରେଜିଷ୍ଟ୍ରର ପାଇଁ ତଥ୍ୟ ସଂଗ୍ରହ କରାଯିବ । ରାଜ୍ୟ ସରକାର ୨୦୨୧ ଜନଗଣନା ପ୍ରକ୍ରିୟା ପାଇଁ ଅଧିକାରୀମାନଙ୍କୁ ନିୟୋଜିତ କରିଛନ୍ତି । ଏହି ଅଧିକାରୀମାନେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଜନଗଣନାର ପ୍ରକ୍ରିୟାକୁ ତଦାରଖ କରିବା ସହ ଗଣନାକାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ଜନଗଣନା କାର୍ଯ୍ୟ ଦେଶରେ ରାଷ୍ଟ୍ରପତି ଓ ରାଜ୍ୟରେ ରାଜ୍ୟପାଳଙ୍କଠାରୁ ପ୍ରଥମେ ଆରମ୍ଭ ହେବ । ଭାରତବର୍ଷର ୩୬ଟା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୭୩୪ଟି ଜିଲ୍ଲାରେ ୮ଟା ଭାଷାରେ ଏହି ଜନଗଣନା ଅନୁଷ୍ଠିତ ହେବ । ଜନଗଣନା ଏକ ସମୟଭିତ୍ତିକ କାର୍ଯ୍ୟ, ଏହାକୁ ସମ୍ମିଳିତ ଭାବେ କରିବାକୁ ସେ ପରାମର୍ଶ ଦେଇଥିଲେ । ଜନଗଣନା କାର୍ଯ୍ୟ ପାଇଁ ୩୪ ପ୍ରକାର ତଥ୍ୟ ସଂଗ୍ରହ କରାଯିବ । ଏହା ସହିତ ପ୍ରତ୍ୟେକ ପରିବାରର ମୋବାଇଲ ନମ୍ବର ମଧ୍ୟ ସଂଗ୍ରହ କରାଯିବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ଆଠମଲ୍ଲିକ ଉପଜିଲ୍ଲାପାଳ ଡା.ରଜନୀକାନ୍ତ ବିଶ୍ୱାଳ, ଡେପୁଟୀ କଲେକ୍ଟର ତଥା ଉପ ଜିଲ୍ଲା ଜନଗଣନା ଅଧିକାରୀଣୀ ସୋଫି ସାଇନିକା ଓ ଡେପୁଟୀ କଲେକ୍ଟର ସରିତା ପ୍ରଧାନଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ ।